Largest Circulated Odia Daily
SAMBAD
ସମ୍ବାଦ
ସର୍ବାଧିକ ପ୍ରସାରିତ ଓଡିଆ ଦୈନିକ

+2 SC. | KSSC | Vocational | Diploma
MBBS | BDS | Nursing | MBA | MCA
BTech | MTech | Ph.D.
KIIT
www.kiit.org



**ସଲମନ-ଐଶ୍ୱର୍ଯ୍ୟା ଟେପ୍ ଜାଲ ଥିଲା, କାଶ୍ମୀରରୁ ଶୀଘ୍ର ହିଂସାର ଚିତ୍ର ଲୋପ ପାଇବ: ମୁସାରଫ, ଭାରତ ଇନିଂସ**

ତାରିଖ : ୯/୧୭/୨୦୦୫



ପାଣିପାଗ

| ନଗର | ସର୍ବନିମ୍ନ | ସର୍ବୋଚ୍ଚ |
|---|---|---|
| ଭୁବନେଶ୍ୱର | ୨୫.୫ | ୩୫.୯ |
| କଟକ | ୨୫.୭ | ୩୩.୧ |
| ବାଲେଶ୍ୱର | ୨୪.୦ | ୩୨.୭ |
| ଗୋପାଳପୁର | ୨୭.୭ | ୩୦.୯ |
| ଝାରସୁଗୁଡ଼ା | ୨୪.୮ | ୩୧.୦ |

ବିତର୍କ/ମତାମତ ସଂଗ୍ରହ

ପରସ୍ପର ବିରୋଧୀ ରାଜନୈତିକ ଦୃଷ୍ଟିଭଙ୍ଗୀ ରାଜ୍ୟ ଶିଳ୍ପାୟନରେ ଅନ୍ତରାୟ ହେଉଛି କି?

- : ହଁ.....
- : ନାହିଁ.....
- : କହିପାରିବେନି....

Vote

## ପୂର୍ଣ୍ଣ ବିବରଣୀ

- ସ୍ୱାସ୍ଥ୍ୟ ବିଜ୍ଞାନ ବିଶ୍ୱବିଦ୍ୟାଳୟ ସ୍ଥାପନ ପାଇଁ ସରକାର ବିଚାର କରୁଛନ୍ତି: ମନ୍ତ୍ରୀ

ଭୁବନେଶ୍ୱର, (ଇମିସ): ଓଡିଶାରେ ଏକ ସ୍ୱାସ୍ଥ୍ୟ ବିଜ୍ଞାନ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା ପାଇଁ ରାଜ୍ୟ ସରକାର ବିଚାର କରୁଛନ୍ତି । ଏହି ବିଶ୍ୱବିଦ୍ୟାଳୟ ସ୍ଥାପନ ପାଇଁ ଅନୁଧ୍ୟାନ ନିମନ୍ତେ ଗଠିତ ସବ୍ କମିଟି ସମସ୍ତ ଦିଗକୁ ବିଚାର କଲା ପରେ ଗତକାଲି ସଚିବାଳୟରେ ସ୍ୱାସ୍ଥ୍ୟ ମନ୍ତ୍ରୀଙ୍କୁ ତା'ର ରିର୍ପୋଟ ପ୍ରଦାନ ଅବସରରେ ସ୍ୱାସ୍ଥ୍ୟମନ୍ତ୍ରୀ ବିଜୟଶ୍ରୀ ରାଉତରାୟ ଏହି ସୂଚନା ଦେଇଛନ୍ତି । ମୁଖ୍ୟମନ୍ତ୍ରୀଙ୍କ ସହିତ ଆଲୋଚନା କରାଯାଇ ଏହି ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା ପାଇଁ ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯିବ ବୋଲି ସେ କହିଛନ୍ତି ।

ରାଜ୍ୟରେ ଏହି ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା କରି ଏହା ଅଧୀନରେ ସମସ୍ତ ମେଡିକାଲ କଲେଜ, ଡେଣ୍ଟାଲ କଲେଜ, ହୋମିଓପାଥିକ୍ କଲେଜ, ଆୟୁର୍ବେଦ କଲେଜ ଓ ନର୍ସିଙ୍ଗ କଲେଜଗୁଡିକୁ ରଖାଯିବ । ଫଳରେ ଏହି ସମସ୍ତ କଲେଜରେ ଠିକ୍ ଭାବେ ପରୀକ୍ଷା ପରିଚାଳନା ସହିତ ଏକ ସମୟରେ ପରୀକ୍ଷା ଫଳ ପ୍ରକାଶ ପାଇବ । ଏତଦ୍ ବ୍ୟତୀତ ମେଡିକାଲ କଲେଜଗୁଡିକରେ ଏମ୍ଏସ୍ସି ଆନାଟୋମି, ପଦାର୍ଥ ବିଜ୍ଞାନ, ମାଇକ୍ରୋବାୟୋଲୋଜି ଓ ସ୍ୱାସ୍ଥ୍ୟ ପ୍ରଶାସନରେ ଡିପ୍ଲୋମା ମଧ୍ୟ ପ୍ରଚଳନ କରିବାକୁ ରିର୍ପୋଟରେ କମିଟି ରିର୍ପୋଟରେ ପ୍ରସ୍ତାବ ଦେଇଛି । ସ୍ୱାସ୍ଥ୍ୟ ବିଜ୍ଞାନ ବିଶ୍ୱବିଦ୍ୟାଳୟ ସ୍ଥାପନ ପାଇଁ ବିଭିନ୍ନ ମହଲରୁ ଦାବି ଉପସ୍ଥାପନ ହେବା ପରେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ଗତ ମେ ୨୦ ତାରିଖରେ ୭ ଜଣିଆ ସବ୍ କମିଟି ଗଠନ କରାଯାଇଥିଲା । ଡିଏମ୍ଇଟିର ନିର୍ଦ୍ଦେଶକ ସୁରେଶ ମହାପାତ୍ରଙ୍କ ମଧ୍ୟକ୍ଷତାରେ ଗଠିତ ଏହି କମିଟିରେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ପ୍ରତିଷ୍ଠାନ ନିର୍ଦ୍ଦେଶକ ପ୍ରଫେସର ଭଗବତୀ ଚରଣ ଦାସ, ସ୍ୱାସ୍ଥ୍ୟ ସେବା ନିଦେଶକ ଡାକ୍ତର ପ୍ରଶାନ୍ତ କୁମାର ସେନାପତି, ଓଡିଶା ମେଡିକାଲ ଶିକ୍ଷକ ସଂଘ ସଭାପତି ପ୍ରଫେସର ସିଦ୍ଧାର୍ଥ ଦାସ, ସଂପାଦକ ପ୍ରଫେସର ଜେ.କେ. ରାୟ ଏବଂ ଏମ୍ସିଆଇ ସଦସ୍ୟ ପ୍ରଫେସର ଡି.କେ. ରାୟ ସହଯୋଗୀ ସଦସ୍ୟ ଥିଲେ । ସବ୍ କମିଟି ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠାର ସମ୍ଭାବନା ସହିତ ଚିଠା ଆଇନ ଓ ନିୟମ ସମ୍ବଳିତ ରିର୍ପୋଟ ସରକାରଙ୍କୁ ପ୍ରଦାନ କରିଛନ୍ତି ।

ପୂର୍ବପୃଷ୍ଠା



**କେଳୁଚରଣ ସମ୍ମାନ ଉତ୍ସବ ଉଦଯାପନ ଦିବସରେ ପି.ଏନ୍. ଭେଙ୍କଟରମଣଙ୍କ କଥକଳୀ ନୃତ୍ୟ ।**

ଅନ୍ୟାନ୍ୟ ଖବର


- ଲାଦେନର ଜନ୍ମସ୍ଥାନରେ ଗୀତା ମାହାତ୍ମ୍ୟର ପ୍ରଚାର
- ପରିବେଶ ସଚେତନତା ପାଇଁ କାର୍ଯ୍ୟକ୍ରମ ଗ୍ରହଣ କରାଯିବ
- ଭୂଷଣ ଷ୍ଟିଲ ପ୍ଲାଣ୍ଟରେ ଫାଙ୍କା ଗୁଳି ଚାଳନା, ୩ ଗିରଫ
- ଗୋଦାମ ଗୃହରେ ଅଗ୍ନିକାଣ୍ଡ, ଲକ୍ଷାଧିକ ଟଙ୍କାର ସାମଗ୍ରୀ ନଷ୍ଟ
- ଚିତ୍ରଡ଼ା-ଅମର୍ଦାରୋଡ଼ ରାସ୍ତା ବିଚ୍ଛିନ୍ନ
- ଲାଞ୍ଚ ନେବାବେଳେ ଆରଆଇ ଗିରଫ
- କାମାକ୍ଷାନଗର: ୨ ଲକ୍ଷ ଟଙ୍କାର କାଠ ଜବତ
- ନୂଆପଡ଼ା: ଡିଆଇ ଅଫିସ୍ ଦୁର୍ନୀତିର ପଦାଫାସ୍
- ଭିଡ୍ଡାନିଡ୍ଡାଲା ଝୋଟକଳ ମାଲିକ ଶ୍ରମିକମାନଙ୍କ ଦାବି ମାନିନେଲେ
- କଥାକାର ହୃଷୀକେଶ ପଣ୍ଡା ସମ୍ବର୍ଧିତ
- ବିଦ୍ୟୁତ୍ ନିଗମ ଯନ୍ତ୍ରୀ ସଂଘ କେନ୍ଦ୍ର

କାର୍ଯ୍ୟବାହୀ କମିଟିର୍ ନିଷ୍ପତ୍ତି

- ଡିଏସ୍‌ଓ ପକ୍ଷରୁ ସଚିବାଳୟ ଆଗରେ ବିକ୍ଷୋଭ
- ୧୯ରେ ସମବାୟ କର୍ମଚାରୀଙ୍କ ଧାରଣା ଓ ଆଲୋଚନାଚକ୍ର
- 'ଓଡେଶା' ପକ୍ଷରୁ ଇଞ୍ଜିନିୟର ଦିବସ ପାଳିତ
- ମାଲଦା ଗ୍ରାମରେ ଟାଟା ଷ୍ଟିଲର ବହୁବିଧ ଉନ୍ନୟନ କାର୍ଯ୍ୟ
- ଏସବିଆଇ ଅଫିସର୍ସ କୋଅପରେଟିଭ ସୋସାଇଟିର ସାଧାରଣ ବୈଠକ

Copyright © 2001 orissasambad.com

Site Developed by : www.wayindia.com